# ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା

ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା କ'ଣ ?

ଷ୍ଟ୍ରୀମ୍‌ର 'ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା' ହେଉଛି ସ୍ଥାନୀୟ ଅଭ୍ୟାସଗତ କାର୍ଯ୍ୟ ଅଥବା ଗବେଷଣାରୁ ପ୍ରାପ୍ତ ଅଭିଜ୍ଞତାକୁ ଏସିଆ ପ୍ୟାସିଫିକ୍ ମଧ୍ୟରେ ଆଦାନ ପ୍ରଦାନର ଗୋଟିଏ ପ୍ରଚେଷ୍ଟା । ଏହା ଲୋକମାନଙ୍କୁ ସଂସ୍ଥା ଏବଂ ନୀତି ନିର୍ଦ୍ଧାରକ ମାନଙ୍କୁ, ଗରୀବ ଲୋକଙ୍କୁ ଜୀବିକାର ଉପଯୋଗୀ ଜଳୀୟ ସମ୍ପଦ ପରିଚାଳନାରେ ନୂତନ ସାଧନ ଏବଂ ପଦ୍ଧତିର ବ୍ୟବହାର ପାଇଁ ସକ୍ଷମ କରେ ।

**ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା କାହିଁକି ?**
ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ଆମ୍ଭମାନଙ୍କର କାର୍ଯ୍ୟର ପଦ୍ଧତିକୁ (ଜ୍ଞାନ, ଦକ୍ଷତା, କ୍ଷମତା, ଅନୁଶୀଳନତା) ଉନ୍ନତ କରିବାରେ ଉପକାରୀ ।

**ଏହା କେଉଁମାନଙ୍କ ପାଇଁ ?**
ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ତିଆରୀ କରାଯାଇଛି ନିମ୍ନଲିଖିତ ଲୋକ ମାନଙ୍କର ବ୍ୟବହାର ପାଇଁ :

- ପ୍ରସାର କର୍ମୀ
- କ୍ଷେତ୍ର ଅଧିକାରୀ
- ଗୋଷ୍ଠୀ ସଂଗଠକ

(ଉପରୋକ୍ତ ତିନି) ଗରୀବ ଲୋକମାନଙ୍କ ସହିତ ପ୍ରତ୍ୟେକ୍ଷ ଭାବରେ କାର୍ଯ୍ୟ କରନ୍ତି ।

- ଗ୍ରାମୀଣ ଦଳର ନେତା, ଜାନକାର[୧]
- ସ୍ୱୟଂ ସହାୟକ ଦଳ
- ବେସରକାରୀ ସଂସ୍ଥା
- ସରକାରୀ ସଂସ୍ଥା
- ଦାତା
- ଏହାଛଡ଼ା ଯେଉଁମାନେ ଏହାକୁ ଉପଯୋଗୀ ବୋଲି ମନେ କରନ୍ତି ।

**କାହିଁକି ଆମ୍ଭେମାନେ 'ସର୍ବୋତ୍ତମ' କହିବା ପରିବର୍ତ୍ତେ 'ଉତ୍ତମ' କହିଥାଉ ?**
ଯେତେବେଳେ ଆମ୍ଭେମାନେ ସର୍ବୋତ୍ତମ ଅଭ୍ୟାସ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରୁ, ସେତେବେଳେ ଆମେ ନୂଆ ଜ୍ଞାନ ଆହରଣ କରୁ, ଆମ୍ଭମାନଙ୍କ ମଧ୍ୟରେ ନୂଆ ଦକ୍ଷତାର ବିକାଶ ହୁଏ ଏବଂ କେତେବେଳେ କେତେବେଳେ ନୂଆ ମନୋଭାବ ଆବିଷ୍କାର ହୁଏ । ଉପକାରୀ ଅଭିଜ୍ଞତାର ବର୍ଣ୍ଣନା ଏବଂ ଆଦାନ ପ୍ରଦାନର ସାହାର୍ଯ୍ୟ ପାଇଁ ଆମେ ଆହୁରି ଉତ୍ତମ ଅଭ୍ୟାସରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶିକା ପ୍ରଦାନ କରିବାର ଆଶା ରଖୁ ।

**କେଉଁ ମାନେ ଏହା ତିଆରୀ କରନ୍ତି ?**
ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ସେହି ଲୋକମାନେ ତିଆରୀ କରନ୍ତି, ଯେଉଁମାନଙ୍କ ପାଖରେ ଆଦାନ ପ୍ରଦାନ ପାଇଁ ଉପଯୋଗୀ ଅଭିଜ୍ଞତା ରହିଛି; କୃଷକ, ମତ୍ସ୍ୟ କୃଷକ, ଯେଉଁମାନେ ଏମାନଙ୍କ ସହିତ କାର୍ଯ୍ୟ କରନ୍ତି ଓ ବିଶେଷଜ୍ଞ । ଷ୍ଟ୍ରୀମ୍ ଇନିସିଏଟିଭ୍ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି ।

**ଏହା କେଉଁଠାରୁ ପ୍ରାପ୍ତ ହୁଏ ?**
ଉତ୍ତମ ଅଭ୍ୟାସ ନିର୍ଦ୍ଦେଶିକା ଗୁଡ଼ିକ ଷ୍ଟ୍ରୀମ୍‌ର ଯୋଗାଯୋଗ କେନ୍ଦ୍ର ଗୁଡ଼ିକରୁ ସ୍ଥାନୀୟ ଭାଷାରେ ପ୍ରାପ୍ତ ହୁଏ । ଆଞ୍ଚଳିକ ଦପ୍ତର ବ୍ୟାଙ୍ଗ୍‌କକ୍ ଥାଇଲାଣ୍ଡରୁ ଓ ଇନ୍‌ଟରନେଟ୍‌ରୁ ମିଳିଥାଏ । http://www.streaminitiative.org/Library/bpg/index.html

**ଆପଣଙ୍କ ବକ୍ତବ୍ୟ ରଖନ୍ତୁ:**
ଆପଣ କିଛି ବିଷୟରେ ଅଧିକ ଜାଣିବା ପାଇଁ ଚାହାନ୍ତି କି ? କିଛି ବିଷୟରେ ପରାମର୍ଶ ଚାହାନ୍ତି କି ? ଆପଣଙ୍କର ଦରକାରୀ ତଥ୍ୟ ଜାଣିବା ପାଇଁ ଆପଣଙ୍କର ସ୍ଥାନୀୟ ଷ୍ଟ୍ରୀମ୍ ଯୋଗାଯୋଗ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

---

[୧] (ପ୍ରଶିକ୍ଷିତ) ସ୍ୱୟଂ ସହାୟକ ଦଳର ନେତା (ଭାରତ ବର୍ଷରେ)